## ସଂକ୍ଷେପରେ

### ଅଣ୍ଡରପାସ୍‌ରେ ଜମୁଛି ପାଣି, ଯାତାୟାତରେ ଅସୁବିଧା

**ବଇଣ୍ଡା, ୧୭।୭ (ପରିକ୍ଷିତ ସାହୁ)**

ଅନୁଗୋଳ ଜିଲା କିଶୋରନଗର ବ୍ଲକ ବଇଣ୍ଡା ଦେଇ ଯାଇଥିବା କଟକ–ସମ୍ବଲପୁର ୫୫ନଂ. ଜାତୀୟ ରାଜପଥ ଉପରେ ନିର୍ମାଣାଧୀନ ଫ୍ଲାଏ ଓଭର ବ୍ରିଜରେ କରାଯାଇଥିବା ଅଣ୍ଡରପାସ୍ ଗୁଡିକରେ ବର୍ଷା ଜଳ ଜମି ରହୁଛି। ଫଳରେ ସାମାନ୍ୟ ବର୍ଷା ହେଲେ ଅଣ୍ଡରପାସ୍‌ରେ ଯାତାୟାତରେ ବ୍ୟାପକ ଅସୁବିଧା ସୃଷ୍ଟି ହେଉଛି। ଏ ନେଇ ବଇଣ୍ଡା ଅଞ୍ଚଳବାସୀଙ୍କ ପକ୍ଷରୁ ଅସନ୍ତୋଷ ବ୍ୟକ୍ତ କରାଯିବା ସହ ବୁଧବାର ନିର୍ମାଣକାରୀ ଠିକାସଂସ୍ଥାର ପରିଚାଳକଙ୍କୁ ବଇଣ୍ଡା ଠାରେ ଭେଟି ସମସ୍ୟା ସମ୍ପର୍କରେ ଅବଗତ କରାଇଛନ୍ତି। ଅଞ୍ଚଳବାସୀ କହିଛନ୍ତି, ଅଣ୍ଡରପାସ୍ ୨ଟି ରାସ୍ତା ଲେବଲର ନିର୍ମାଣ କରାଯାଇ ନ ଥିବା ଯୋଗୁ ସାମାନ୍ୟ ବର୍ଷା ହେଲେ ବର୍ଷା ଜଳ ଅଣ୍ଡରପାସରେ ଜମିରହୁଛି। ଫଳରେ ଏହି ଅଣ୍ଡରପାସ ଦେଇ ଅଞ୍ଚଳବାସୀ ଯାତାୟାତ କରିପାରୁ ନାହାନ୍ତି। ଏହି ସମସ୍ୟା ସମ୍ପର୍କରେ ପୂର୍ବରୁ ବହୁବାର ଠିକାସଂସ୍ଥାକୁ ଅଭିଯୋଗ କରାଯାଇଥିଲେ ମଧ୍ୟ କେହି ଶୁଣୁ ନ ଥିବା ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ତୁରନ୍ତ ଏଥିପ୍ରତି ଦୃଷ୍ଟି ଦେବାକୁ ସେମାନେ ଦାବି କରିଛନ୍ତି।



### ନଦୀରେ ବୁଡ଼ି ବୃଦ୍ଧଙ୍କ ମୃତ୍ୟୁ

**ତାଳଚେର, ୧୭।୭ (ମନୋଜ ନନ୍ଦ)**

ତାଳଚେର ବ୍ଲକ ସନ୍ଥପଡା ଗଡ଼ନାୟକ ସାହିର ସାଧୁ ଚରଣ ଭୁକ୍ତା (୮୫) ବ୍ରାହ୍ମଣୀ ନଦୀରେ ବୁଡ଼ି ପ୍ରାଣ ହରାଇଛନ୍ତି। ଗତ ୧୬ ତାରିଖ ଅପରାହ୍ଣ ୩ ଘଟିକାରେ ସେ ଗ୍ରାମ ନିକଟ ବ୍ରାହ୍ମଣୀ ନଦୀକୁ ଗାଧୋଇବାକୁ ଯାଇଥିବା ବେଳେ ଭାସି ଯାଇଥିଲେ। ବୁଧବାର ସକାଳ ୯ଟା ସମୟରେ ତାଙ୍କ ମୃତଦେହ ନଦୀରୁ ମିଳିଥିଲା। ତାଳଚେର ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ଉପଖଣ୍ଡ ଡାକ୍ତରଖାନାକୁ ପଠାଇଥିଲା। ଏ ସଂକ୍ରାନ୍ତରେ ତାଳଚେର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।



ଅନୁଗୋଳ ଶୈଳଶ୍ରୀକ୍ଷେତ୍ର ସିଂହଦ୍ୱାରରେ ଲାଗିଥିବା ତିନି ରଥ ଉପରେ ବୁଧବାର ସୁବର୍ଣ୍ଣ ବେଶରେ ଝଟକୁଛନ୍ତି ୩ ଠାକୁର।

# ସୁବର୍ଣ୍ଣ ବେଶରେ ଦର୍ଶନ ଦେଲେ ବାହୁଡ଼ା ବ୍ରହ୍ମ

**ଅନୁଗୋଳ, ୧୭।୭ (ଜ୍ୟୋତିରଞ୍ଜନ ସାହୁ)**

ଅନୁଗୋଳ ଶୈଳଶ୍ରୀକ୍ଷେତ୍ର ସିଂହଦ୍ୱାରରେ ଲାଗିଥିବା ତିନି ରଥ ଉପରେ ବୁଧବାର ବାହୁଡ଼ା ବ୍ରହ୍ମଙ୍କ ସୁନାବେଶ ଅନୁଷ୍ଠିତ ହୋଇଯାଇଛି। ବଡ଼ ଏକାଦଶୀରେ ରଥ ଉପରେ ୩ ଠାକୁରଙ୍କ ଏହି ବେଶ ଦେଖିବାକୁ ପ୍ରବଳ ଭିଡ଼ ପରିଲକ୍ଷିତ ହୋଇଥିଲା। ସନ୍ଧ୍ୟାରୁ ଆରମ୍ଭ ହୋଇଥିବା ଏହି ଭିଡ଼ ରାତି ଯାଏ ଚାଲିଥିଲା। ହରିଶୟନ ଏକାଦଶୀରେ ରଥ ଉପରେ ଠାକୁରଙ୍କ ସୁନାବେଶ ଦର୍ଶନ କଲେ କୋଟି ଜନ୍ମର ପୁଣ୍ୟ ଲାଭ ହୋଇଥାଏ ବୋଲି ବିଶ୍ୱାସ ରହିଛି। ଏଥିପାଇଁ ଅନୁଗୋଳ ଶୈଳଶ୍ରୀକ୍ଷେତ୍ରକୁ ଅପରାହ୍ଣରୁ ହିଁ ଶ୍ରଦ୍ଧାଳୁମାନଙ୍କ ଆଗମନ ଆରମ୍ଭ ହୋଇଯାଇଥିଲା। ଭକ୍ତମାନେ କିପରି ଶ୍ରୀଜୀଉଙ୍କ ଦର୍ଶନ ଲାଭ କରିପାରିବେ ସେଥିପାଇଁ ଶୈଳଶ୍ରୀକ୍ଷେତ୍ର ମନ୍ଦିର ପରିଚାଳନା କମିଟି ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଥିଲା। ଏପରି କି ଅପରାହ୍ଣ ୩ଟାରୁ ରତ୍ନଭଣ୍ଡାର ଖୋଲାଯାଇ ଅଳଙ୍କାରମାନ ଅଣାଯାଇଥିଲା। ସୁନାର ମୁକୁଟ ସହ ଶଙ୍ଖ, ଚକ୍ର, ଗଦା, ପଦ୍ମ, ମାଳ, ଲଙ୍ଗଳ ଆଦି ଅଣାଯାଇ ଶ୍ରୀଜୀଉଙ୍କୁ ସାଜସଜ୍ଜା କରାଯାଇଥିଲା। ଏହାପରେ ସନ୍ଧ୍ୟା ୬ଟା ୧୫ରେ ୩ ରଥରେ ସନ୍ଧ୍ୟା ଆଳତି କରାଯାଇଥିଲା। ଶ୍ରଦ୍ଧାଳୁମାନେ ଦାରୁଦିଅଁଙ୍କଙ୍କ ଦୁର୍ଲଭ ସୁନାବେଶ ଦର୍ଶନ କରିଥିଲେ। ଶୈଳଶ୍ରୀକ୍ଷେତ୍ର ଜଗନ୍ନାଥ ମନ୍ଦିର ସମ୍ମୁଖରେ ଭଜନ ସନ୍ଧ୍ୟା ପରିବେଷଣ କରାଯାଇଥିଲା। ବଡ଼ ଏକାଦଶୀ ହେଇଥିବାରୁ ପୂଜକ ଶୈଳଶ୍ରୀକ୍ଷେତ୍ର ମନ୍ଦିର ଉପରକୁ ମହାଦୀପ ଉଠିବାର ଦେଖି ଏକ ସଙ୍ଗରେ ଜୟ ଜଗନ୍ନାଥ ଧ୍ୱନିରେ ପ୍ରକମ୍ପିତ ହେଇଉଠିଥିଲା ବଡ଼ଦାଣ୍ଡ। ଗହଳି ପାଇଁ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା। ଗୁରୁବାର ରଥ ଉପରେ ଅଧରପଣା ଲାଗି କରାଯିବା ପରେ ତିନିଠାକୁରଙ୍କ ନୀଳାଦ୍ରିବିଜେ ଅନୁଷ୍ଠିତ ହେବ ବୋଲି ପରିଚାଳନା କମିଟି ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।



ରଥ ଉପରେ ସୁନାବେଶ ଦେଖିବାକୁ ଭକ୍ତମାନଙ୍କ ଭିଡ଼।



ଜଗନ୍ନାଥ ମନ୍ଦିର ସମ୍ମୁଖରେ ଭଜନ ସନ୍ଧ୍ୟା କାର୍ଯ୍ୟକ୍ରମ।

## ରଥ ଉପରେ ଝଟକିଲେ ସୁନାଦିଅଁ

**ଆଠମଲ୍ଲିକ, ୧୭।୭ (ଉଦୀପ୍ତ ପୁରୋହିତ)**

ଆଠମଲ୍ଲିକ ଜଗନ୍ନାଥ ମନ୍ଦିର ସମ୍ମୁଖରେ ଏକାଦଶୀ ତିଥିରେ ବୁଧବାର ରଥ ଉପରେ ଚତୁର୍ଦ୍ଧାମୂର୍ତ୍ତିଙ୍କ ସୁନାବେଶ ଅନୁଷ୍ଠିତ ହୋଇଯାଇଛି। ମହାପ୍ରଭୁଙ୍କ ଏହି ଦୁର୍ଲଭ ବେଶ ଦେଖିବା ପାଇଁ ବହୁ ଶ୍ରଦ୍ଧାଳୁଙ୍କ ଭିଡ଼ ଲାଗି ରହିଥିଲା। ପହଣ୍ଡିଆ କମିଟି ସମ୍ପାଦକ ନବ କିଶୋର ତ୍ରିପାଠୀ ମହାପ୍ରଭୁଙ୍କୁ ସୁନା ବେଶରେ ସଜ୍ଜିତ କରିଥିଲେ। ଗୁରୁବାର ମହାପ୍ରଭୁ ନୀଳାଦ୍ରି ବିଜେ କରିବେ ବୋଲି ପଣ୍ଡିତ ଚିତ୍ତ ରଞ୍ଜନ ପାଣିଗ୍ରାହୀ ସୂଚନା ଦେଇଛନ୍ତି। ଆଠମଲ୍ଲିକ ପୋଲିସ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଥିଲା।





ନାଲ୍‌କୋନଗର ଜଗନ୍ନାଥ ମନ୍ଦିର ଠାରେ ରଥାରୂଢ଼ ଶ୍ରୀଜୀଉମାନେ ସୁନାବେଶରେ ଭକ୍ତମାନଙ୍କୁ ଦର୍ଶନ ଦେଉଛନ୍ତି। (ଫଟୋ– ଲୁସି ରାଉତ)

## ବଇଣ୍ଡା ବ୍ରାହ୍ମଣ ସମାଜ ବୈଠକ

**ବଇଣ୍ଡା, ୧୭।୭ (ପରିକ୍ଷିତ ସାହୁ)**

କିଶୋରନଗର ବ୍ଲକ ବଇଣ୍ଡା ରାଧାକୃଷ୍ଣ ମନ୍ଦିର ନିକଟରେ ବୁଧବାର ବଇଣ୍ଡା ବ୍ରାହ୍ମଣ ସମାଜର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସଭାପତି ଅମିୟ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସତ୍ୟେଶ୍ୱର ନନ୍ଦ, ପ୍ରଭାତ ମିଶ୍ର, ପ୍ରକାଶ ଚନ୍ଦ୍ର ମିଶ୍ର, ମଦନ ମୋହନ ମିଶ୍ର, ଜଗତ ମୋହନ ମିଶ୍ର, ଅକ୍ରୁର ପାଣି, ମିଟୁ ଶତପଥୀ, ଗୋପୀନାଥ ମିଶ୍ର, ସୁଶାନ୍ତ ପଣ୍ଡା, ଉପେନ୍ଦ୍ର ତ୍ରିପାଠୀ, ସୁଜିତ ନନ୍ଦ, ସୁବାସ ଶତପଥୀ ପ୍ରମୁଖ ଯୋଗ ଦେଇଥିଲେ। ଏଥିରେ ସମାଜର ନୀତି ନିୟମ ମାନି ସମସ୍ତ ସଭ୍ୟ ଚଳିବା ପାଇଁ ବୈଠକରେ ମତ ପ୍ରକାଶ ପାଇଥିଲା। ଏପରିକି ସମାଜରେ ନୂତନ ସଭ୍ୟ ସଂଗ୍ରହ ପାଇଁ ପରାମର୍ଶ ଦିଆଯାଇଥିଲା। ଆଗକୁ ଜିଲାସ୍ତରୀୟ ବୈଠକ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା।



ବୈଠକରେ ବ୍ରାହ୍ମଣ ସମାଜର କର୍ମକର୍ତ୍ତାମାନେ।

## ହିରୋ ବ୍ୟାଟେରି ସ୍କୁଟର ‘ଭିଡା’ ବଜାର ପ୍ରବେଶ



ହିରୋ ବ୍ୟାଟେରି ସ୍କୁଟର ‘ଭିଡା’ ବଜାର ପ୍ରବେଶ କରାଯାଉଛି।

**ଅନୁଗୋଳ, ୧୭।୭ (ଜ୍ୟୋତିରଞ୍ଜନ ସାହୁ)**

ହିରୋ କମ୍ପାନୀର ବ୍ୟାଟେରି ଚାଳିତ ସ୍କୁଟର ‘ଭିଡା’ ଏବଂ ୪୪୦ସିସି ଇଞ୍ଜିନ ଥିବା ମୋଟର ସାଇକେଲ ମାଭିକ ଭିଡା ଭି –୧ ପ୍ଲସ ଏବଂ ଭିଡା ଭି –୧ ପ୍ରୋ ମଡେଲ ବ୍ୟାଟେରି ଚାଳିତ ସ୍କୁଟରର ଅନୁଗୋଳ ପଞ୍ଚମହଲାସ୍ଥିତ ପାର୍ବତୀ ମୋଟର୍ସଠାରେ ବୁଧବାର ବଜାର ପ୍ରବେଶ ଅନୁଷ୍ଠିତ ହୋଇଯାଇଛି। ଏହି ଗାଡ଼ି ଥରେ ଚାର୍ଜ କଲେ ୧୧୦ କି.ମି.ରୁ ୧୬୫ କି.ମି. ପର୍ଯ୍ୟନ୍ତ ଚାଲିପରିବ। ଗାଡ଼ି ଉପରେ ୫ବର୍ଷ ୱାରେଣ୍ଟି ଥିବାବେଳେ ବ୍ୟାଟେରି ଉପରେ ୩ବର୍ଷ ୱାରେଣ୍ଟି ରହିଛି। ମାତ୍ର ୨୫ ହଜାର ଟଙ୍କା ଡାଉନ ପେମେଣ୍ଟ ସାଙ୍ଗକୁ ମାତ୍ର ୮.୯୯% ସୁଧରେ ସହଜ କିସ୍ତି ବ୍ୟବସ୍ଥା ମଧ୍ୟ ରହିଛି। ସ୍କୁଟର ଗୁଡ଼ିକର ଦାମ ୯୫ ହଜାର ଟଙ୍କାରୁ ଆରମ୍ଭ ହେଉଥିବା ବେଳେ ସମସ୍ତ ରଙ୍ଗର ଗାଡ଼ି ଏଠାରେ ଉପଲବ୍ଧ। ୪୪୦ ସିସି କ୍ଷମତା ବିଶିଷ୍ଟ ଇଞ୍ଜିନ ଥାଇ ମୋଟର ସାଇକେଲ ମାଭରିକ ମଧ୍ୟ ବଜାର ପ୍ରବେଶ କରିଛି। ୨ଲକ୍ଷ ୧୪ ହଜାର ଟଙ୍କାରୁ ଆରମ୍ଭ ହେଉଥିବା ଏହି ମୋଟର ସାଇକେଲ ୩୫ ହଜାର ଟଙ୍କା ଡାଉନ ପେମେଣ୍ଟରେ ସହଜ କିସ୍ତିରେ ମିଳିପାରିବ। ଅତ୍ୟାଧୁନିକ ଜ୍ଞାନକୌଶଳରେ ତିଆରି ହୋଇଥିବା ଏହି ଗାଡ଼ି ବେସ୍ ଆଦୃତ ହେବାରେ ଲାଗିଛି। ଉଦ୍‌ଘାଟନ ଉତ୍ସବରେ ଏମ୍‌ଡି ଅଶୋକ ମାଣ୍ଡୋଠିଆ, ଉଜ୍ଜ୍ୱଳ କୋହଲି ଓ ସୌରଭ ନନ୍ଦ ଉପସ୍ଥିତ ଥିଲେ।

## ପଞ୍ଚଶ୍ରୀକ୍ଷେତ୍ରରେ ତିନି ଠାକୁରଙ୍କ ସୁନାବେଶ



ବଅଁରପାଳ ପଞ୍ଚଶ୍ରୀକ୍ଷେତ୍ର ଠାରେ ସୁନା ବେଶରେ ଦର୍ଶନ ଦେଉଛନ୍ତି ତିନି ଠାକୁର।

**ବଅଁରପାଳ, ୧୭।୭ (ସୁବାସ ସାହୁ)**

ବଅଁରପାଳ ପଞ୍ଚଶ୍ରୀକ୍ଷେତ୍ର ଠାରେ ଶ୍ରୀଜୀଉମାନଙ୍କ ସୁନାବେଶ ଅନୁଷ୍ଠିତ ହୋଇଯାଇଛି। ଏଥିପାଇଁ ମନ୍ଦିର ସମ୍ମୁଖରେ ଭକ୍ତିମୟ ପରିବେଶ ଦେଖିବାକୁ ମିଳିଥିଲା। ସହସ୍ରାଧିକ ଭକ୍ତଙ୍କ ହରିବୋଲ, ହୁଳହୁଳି, ଜୟ ଜଗନ୍ନାଥ ଡାକରେ ଖଣ୍ଡମଣ୍ଡଳ ପ୍ରକମ୍ପିତ ହୋଇଉଠିଥିଲା। ବର୍ଷକ ପରେ ଭାବ ବିନୋଦିଆ କାଳିଆ ସାଆନ୍ତଙ୍କୁ ସୁନାବେଶରେ ଦେଖି ଭକ୍ତ ଭାବବିହ୍ୱଳ ହୋଇପଡ଼ିଥିଲେ। ଏହି ଅବସରରେ ବଅଁରପାଳ ଅଞ୍ଚଳର ସ୍କୁଲ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଠିକ୍ ସେହିପରି ନାଲ୍‌କୋ ନଗର ଜଗନ୍ନାଥ ମନ୍ଦିର ଠାରେ ରଥାରୂଢ଼ ଶ୍ରୀଜୀଉମାନେ ସୁନାବେଶରେ ସଜ୍ଜିତ ହୋଇ ଭକ୍ତମାନଙ୍କୁ ଦର୍ଶନ ଦେଇଥିଲେ। ସନ୍ଧ୍ୟା ଆଳତି ଓ ଏକାଦଶୀ ସର୍ବାଙ୍ଗ ନୀତି ବଢିବା ପରେ ସୁନାବେଶ ଅନୁଷ୍ଠିତ ହୋଇଥିଲା। ଅପରାହ୍ଣ ୬ଟାରୁ ୭ଟା ମଧ୍ୟରେ ଠାକୁରଙ୍କ ସୁନାବେଶ ସମ୍ପନ୍ନ ହୋଇଥିଲା। ସନ୍ଧ୍ୟା ୭ଟାରୁ ରାତି ୧୦ଟା ୩୦ ଯାଏ ଭକ୍ତମାନେ ଠାକୁରଙ୍କୁ ସୁନା ବେଶରେ ଦର୍ଶନ କରିଥିଲେ। ଶୃଙ୍ଖଳା ରକ୍ଷା ଲାଗି ନାଲ୍‌କୋ ପୋଲିସ, ଠିକା ସୁରକ୍ଷା କର୍ମୀ ସହଯୋଗ କରିଥିଲେ। ସ୍ଥାନୀୟ ଛାତ୍ରୀଛାତ୍ରଙ୍କ ଦ୍ୱାରା ଓଡ଼ିଶୀ, ସମ୍ବଲପୁରୀ ନୃତ୍ୟ ସହିତ ନର୍ତ୍ତକୀ ଅନୁଷ୍ଠାନର ନୃତ୍ୟଗୁରୁ ଚିତ୍ରଲେଖା ପାଢ଼ୀଙ୍କ ସହଯୋଗରେ ୯ଟି ଗ୍ରୁପ ଡ୍ୟାନ୍ସ ପରିବେଷଣ କରାଯାଇଥିଲା। ବିଚିତ୍ରା ନାୟକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

# ଆଧ୍ୟାତ୍ମିକ ଚେତନାରେ ମନୋନିବେଶ କରନ୍ତୁ ବରିଷ୍ଠ ନାଗରିକ



ଯୋରନ୍ଦାସ୍ଥିତ ବରିଷ୍ଠ ନାଗରିକ ଗୃହ ପରିସରରେ ଜିଲାପାଳ ଅମ୍ରିତ ଋତୁରାଜ ଚାରା ରୋପଣ କରୁଛନ୍ତି।

- ବରିଷ୍ଠ ନାଗରିକ ଗୃହ ପରିଦର୍ଶନ କଲେ ଜିଲାପାଳ
- ଅନ୍ତେବାସୀଙ୍କ ପାଇଁ ଆବଶ୍ୟକ ସାମଗ୍ରୀ ପ୍ରଦାନ

ଢେଙ୍କାନାଳ,୧୭।୭(ରତନ ନାୟାର)

ଢେଙ୍କାନାଳ ଜିଲା ଯୋରନ୍ଦା ଠାରେ ମହର୍ଷି ଦୟାନନ୍ଦ ସର୍ଭିସ ମିଶନ ଦ୍ୱାରା ପରିଚାଳିତ ବରିଷ୍ଠ ନାଗରିକ ଗୃହକୁ ଢେଙ୍କାନାଳ ଜିଲାପାଳ ଅମ୍ରିତ ଋତୁରାଜ ମଙ୍ଗଳବାର ରାତି ୯ଟା ସମୟରେ ପରିଦର୍ଶନ କରିଛନ୍ତି। ବରିଷ୍ଠ ନାଗରିକମାନେ ତଳେ ବସି ଖାଇପାରୁ ନ ଥିବାରୁ ଜିଲାପାଳ ସେମାନଙ୍କ ପାଇଁ ଟେବୁଲ ଓ ଚେୟାର ପ୍ରଦାନ କରିଥିଲେ। ସେହିପରି ବିଦ୍ୟୁତ୍ କାଟ୍ ସମୟରେ ବରିଷ୍ଠ ନାଗରିକମାନେ ଅସୁବିଧା ଭୋଗୁଥିବାରୁ ସେମାନଙ୍କ ପାଇଁ ଇନଭର୍ଟର ଓ ୧୦ଟି ଫ୍ୟାନ ପ୍ରଦାନ କରିଥିଲେ। ଜିଲାପାଳ କହିଥିଲେ, ବରିଷ୍ଠ ନାଗରିକମାନେ ଗୋଟିଏ ଛୋଟ ପରିବାର ଛାଡ଼ି ଏ ବୃହତ ପରିବାରରେ ଯୋଗଦେଇଛନ୍ତି। ତେଣୁ ପୂର୍ବର ଦୁଃଖ ଭୁଲି ଏଠାରେ ଖୁସିରେ ରହି ଆଧ୍ୟାତ୍ମିକ ଚେତନାରେ ମନୋନିବେଶ କରନ୍ତୁ। ସେ ନାଗରିକ ଗୃହକୁ ଆସି ସନ୍ତୋଷ ଅନୁଭବ କରୁଥିବା କହିଥିଲେ। ପରିଚାଳନା କମିଟି ପକ୍ଷରୁ ବରିଷ୍ଠ ନାଗରିକମାନଙ୍କ ପାଇଁ ଯାହା ସୁବିଧା ପ୍ରଦାନ କରାଯାଇଛି ସନ୍ତୋଷ ଜନକ ଓ ପରବର୍ତ୍ତୀ ସମୟରେ ଅନୁଷ୍ଠାନ ପକ୍ଷରୁ ଯାହା ଆବଶ୍ୟକ ତାହା ପ୍ରଶାସନ ପକ୍ଷରୁ ଯୋଗାଇ ଦିଆଯିବ ବୋଲି ଜିଲାପାଳ ପ୍ରକାଶ କରିଥିଲେ। ଏହି ଅବସରରେ ଦୟାନନ୍ଦ ସର୍ଭିସ ମିଶନ ସମ୍ପାଦକ ପ୍ରଦୀପ କୁମାର ସାହୁ ଜିଲାପାଳଙ୍କୁ ଅନୁଷ୍ଠାନ ଜମି ପାଇଁ ସ୍ଥାୟୀ ପଟ୍ଟା ବ୍ୟବସ୍ଥା କରିବା ନିମନ୍ତେ ନିବେଦନ କରିଥିଲେ। ଜିଲା ଆପାତକାଳୀନ ଅଧିକାରୀ ଅଶ୍ୱିନୀ କୁମାର ଦାସ ଜିଲାପାଳ ଓ ନାଗରିକ ଗୃହ ଅନ୍ତେବାସୀଙ୍କ ସହିତ ଆଲୋଚନା କରିଥିଲେ। ବରିଷ୍ଠ ନାଗରିକ ଗୃହ ପରିଚାଳକ ବିଜୟ କୁମାର ପ୍ରଧାନ, ରାଜେଶ ପରିଡା, ସଞ୍ଜୟ ବେହେରା, ପ୍ରୀତିରଞ୍ଜନ ମିଶ୍ର, ରଶ୍ମିତା ନାଥ, ଅନସୂୟା ଶତପଥୀ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହାୟତା କରିଥିଲେ। ଜିଲାପାଳ ଅନୁଷ୍ଠାନ ପରିସରରେ ଗୋଟିଏ ବଉଳ ଗଛ ଲଗାଇ ଚାରାରୋପଣର ଶୁଭାରମ୍ଭ କରିଥିଲେ।

# ସୁନାବେଶରେ ଦର୍ଶନ ଦେଲେ ଜଗତନାଥ

ଢେଙ୍କାନାଳ,୧୭।୭(ରତନ ନାୟାର)

ଢେଙ୍କାନାଳ ରଥଗଡ଼ାଠାରେ ବୁଧବାର ବଡ଼ ଏକାଦଶୀ ଅବସରରେ ସନ୍ଧ୍ୟାରେ ମହାପ୍ରଭୁ ଶ୍ରୀଜଗନ୍ନାଥ ରଥ ଉପରେ ସୁନା ବେଶରେ ଦର୍ଶନ ଦେଇଥିଲେ। ଶ୍ରୀଜୀଉଙ୍କ ସୁନାବେଶରେ ୫କେଜି ୪୦୦ ଗ୍ରାମ ସୁନା ଅଳଙ୍କାର ଲାଗି ହୋଇଥିଲା। ସୁନା ଅଳଙ୍କାରରେ ଝଲସିଥିଲେ ମହାପ୍ରଭୁ। ସନ୍ଧ୍ୟା ଆଳତି ପରେ ରାତି ସାଢେ ୭ଟାରୁ ରାତି ସାଢେ ୧୧ଟା ପର୍ଯ୍ୟନ୍ତ ମହାପ୍ରଭୁଙ୍କ ସୁନାବେଶ ହୋଇଥିଲା। ସହସ୍ରାଧିକ ଶ୍ରଦ୍ଧାଳୁ ମହାପ୍ରଭୁଙ୍କ ଏହି ସୁବର୍ଣ୍ଣ ବେଶ ଦେଖି ଖୁବ୍ ଆନନ୍ଦିତ ହୋଇଥିଲେ। ୨୦୦୪ ମସିହାରୁ ପ୍ରତିବର୍ଷ ଢେଙ୍କାନାଳରେ ମହାପ୍ରଭୁଙ୍କ ସୁନାବେଶ କରାଯାଉଛି। ଚଳିତବର୍ଷ ସୁନାବେଶ ଅବସରରେ ରଥ ଚାରିପାଖରେ ସୁରକ୍ଷା ପାଇଁ ସଶସ୍ତ୍ର ପୋଲିସ ଫୋର୍ସ ମୁତୟନ କରାଯାଇଥିଲା। ଗୁରୁବାର ମହାପ୍ରଭୁଙ୍କ ନୀଳାଦ୍ରି ବିଜେ ଅନୁଷ୍ଠିତ ହେବ।



# ମହାଲକ୍ଷ୍ମୀଙ୍କ ନୂତନ ଗୃହ ନିର୍ମାଣ ଶୁଭାରମ୍ଭ

ଢେଙ୍କାନାଳ,୧୭।୭(ରତନ ନାୟାର)

ଢେଙ୍କାନାଳ ସହର ଦେଉଳ ସାହିରେ ମହାଲକ୍ଷ୍ମୀଙ୍କ ନୂତନ ଗୃହ ନିର୍ମାଣ ଶୁଭାରମ୍ଭ କରାଯାଇଛି। ଏଥିନିମନ୍ତେ ବୁଧବାର ପୂର୍ବାହ୍ନ ସାଢେ ୧୦ଟାରେ ପୂଜାର୍ଚ୍ଚନା କରାଯାଇ ହରି ଶୟନ ଏକାଦଶୀ ତିଥିରେ ଶୁଭ ଦିଆଯାଇଥିଲା। କର୍ତ୍ତା ଭାବେ ଗୋବର୍ଦ୍ଧନ ବେହେରା, ସଭାପତି ସଞ୍ଜୟ ଭଞ୍ଜ, ସମ୍ପାଦକ ଉଦୟାନନ୍ଦ ମହାନ୍ତି, ଉପଦେଷ୍ଟା ବିଜୟ କୁମାର ବେହେରା, ନିରଞ୍ଜନ ସାମଲ, ଦିଲୀପ ବେହେରା, ପ୍ରିନ୍ସ ସମୀର, ସୁନୀଲ କୁମାର ବେହେରା, ସଂଗ୍ରାମ ମହାନ୍ତି, ସୁନୀଲ ପାଣି, ବିଷ୍ଣୁ ଚରଣ ବେହେରା, ବିଜୟ ପାତ୍ର ଏବଂ କମିଟିର ସମସ୍ତ ସଭ୍ୟ ଏହି ଗୃହ ନିର୍ମାଣର ଶୁଭାରମ୍ଭ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।


ଦେଉଳସାହିରେ ମହାଲକ୍ଷ୍ମୀଙ୍କ ନୂତନ ଗୃହ ନିର୍ମାଣ ଶୁଭାରମ୍ଭ କରାଯାଉଛି।

# ରଥ ଉପରେ ଏକାଦଶୀ ପାଳିଲେ ମହାପ୍ରଭୁ


ମହାପ୍ରଭୁଙ୍କୁ ଦର୍ଶନ ପାଇଁ ରଥ ଉପରେ ଶ୍ରଦ୍ଧାଳୁଙ୍କ ଭିଡ଼।

ଢେଙ୍କାନାଳ,୧୭।୭(ରତନ ନାୟାର)

ଢେଙ୍କାନାଳ ସହର ରଥଗଡାଠାରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବୁଧବାର ରଥ ଉପରେ ଏକାଦଶୀର ସର୍ବନୀତି ପାଳନ ହୋଇଛି। ସକାଳେ ଠାକୁରଙ୍କ ସମସ୍ତ ନୀତିକାନ୍ତି ଓ ପୂଜାର୍ଚ୍ଚନା ପରେ ରଥ ଉପରେ ମହାପ୍ରଭୁଙ୍କ ଏକାଦଶୀ ନୀତି ପାଳନ ହୋଇଥିଲା। ସକାଳୁ ଅପରାହ୍ନ ପର୍ଯ୍ୟନ୍ତ ରଥ ଉପରେ ମହାପ୍ରଭୁଙ୍କ ଏକାଦଶୀ ନୀତିପାଳନ ଓ ଦର୍ଶନ ପାଇଁ ବହୁ ସଂଖ୍ୟାରେ ଭକ୍ତଙ୍କ ସମାଗମ ହୋଇଥିଲା। ଶ୍ରଦ୍ଧାଳୁମାନେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଲମ୍ବା ଧାଡ଼ିରେ ଛିଡା ହୋଇଥିବା ଦେଖାଯାଇଥିଲା। ରଥ ଚାରିପାଖରେ ବ୍ୟାରିକେଡ୍ କରାଯାଇ ସଶସ୍ତ୍ର ପୋଲିସ ଫୋର୍ସ ମୁତୟନ କରାଯାଇଥିଲା।

# ବୀମା ସଂସ୍କାର ପାଇଁ ଏମ୍‌ପିଙ୍କୁ ସ୍ମାରକପତ୍ର

ଢେଙ୍କାନାଳ,୧୭।୭(ରତନ ନାୟାର)

ସର୍ବଭାରତୀୟ ବୀମା ସଂସ୍କାର ସଂଘ (ଏଆଇଆଇଇଏ) ପକ୍ଷରୁ ଢେଙ୍କାନାଳ ଏମ୍‌ପି ରୁଦ୍ର ନାରାୟଣ ପାଣିଙ୍କୁ ସୋମବାର ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି। ବୀମା କ୍ଷେତ୍ରକୁ ସମର୍ଥନ ଏବଂ ଜନସାଧାରଣଙ୍କୁ ଉପକୃତ କରିବା ପାଇଁ ନୀତି ପରିବର୍ତ୍ତନ ନିମନ୍ତେ ଅନୁରୋଧ କରାଯାଇଛି। ବୀମା ପ୍ରିମିୟମ ଉପରେ ଜିଏସ୍‌ଟି ହଟାଇବା, ଜୀବନ ବୀମା ସଞ୍ଚୟ ପାଇଁ ଟିକସ ସୁବିଧା, ସ୍ୱାସ୍ଥ୍ୟ ବୀମା ଟିକସ ଛାଡର ପୁନଃ ପ୍ରଚଳନ ଓ ରାଷ୍ଟ୍ରାୟତ୍ତ ବୀମା କମ୍ପାନୀ ଗୁଡିକର ଏକକୀରଣ ଆଦି ଦାବି ସ୍ମାରକପତ୍ରରେ ଅନ୍ତର୍ଭୁକ୍ତ ରହିଛି।


ବୀମା ସଂସ୍କାର ପାଇଁ ଏମ୍‌ପିଙ୍କୁ ସ୍ମାରକପତ୍ର ପ୍ରଦାନ କରାଯାଉଛି।

# ପାନୀୟଜଳ ଯୋଗାଣ ନେଇ ଗୁରୁତ୍ୱପୂର୍ଣ୍ଣ ଆଲୋଚନା

କଣିହାଁ, ୧୭।୭ (ସଚ୍ଚିଦାନନ୍ଦ ପ୍ରଧାନ)



କଣିହାଁ ବ୍ଲକ ସମଲ ବ୍ୟାରେଜ ଅତିଥି ଭବନରେ ବୁଧବାର ପାଲଲହଡ଼ା ନିର୍ବାଚନମଣ୍ଡଳୀର ପ୍ରତ୍ୟେକ ଗ୍ରାମର ପାନୀୟ ଜଳ ଯୋଗାଣ ସମସ୍ୟା ଦୂର କରିବା ପାଇଁ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଥିଲା। ପାଲଲହଡ଼ା ବିଧାୟକ ଅଶୋକ ମହାନ୍ତି ଏଥିରେ ଅଧ୍ୟକ୍ଷତା କରିଥିବା ବେଳେ ଗ୍ରାମ୍ୟ ଜଳ ଯୋଗାଣ ବିଭାଗ ନିର୍ବାହୀ ଯନ୍ତ୍ରୀ ସୌରଭ ଦୀକ୍ଷିତ, ସହକାରୀ ଯନ୍ତ୍ରୀ ଅକ୍ଷୟ କୁମାର ସାସମଲ, ଶରତ ପ୍ରଧାନ, ସୁମନ୍ତ ତ୍ରିପାଠୀ, ବିଶ୍ୱନାଥ ରଥ, ସବିତା ପ୍ରଧାନ, ବସନ୍ତ କୁମାର ମହାନ୍ତି, ପ୍ରମୁଖ ଉପସ୍ଥିତ ଥିଲେ। ବିଶୁଦ୍ଧ ପାନୀୟ ଜଳ ଯୋଗାଣ ମେଗା ପ୍ରୋଜେକ୍ଟକୁ ନେଇ ଦାୟିତ୍ୱରେ ଥିବା ଠିକା ସଂସ୍ଥା ଏନ୍‌ସିସି ଓ ଏଲ୍‌ଏନ୍‌ଟିର ଅଧିକାରୀଙ୍କ ସହିତ କାର୍ଯ୍ୟର ଅଗ୍ରଗତିକୁ ନେଇ ଆଲୋଚନା ହୋଇଥିଲା। ଖୁବଶୀଘ୍ର କାମ ସାରିବାକୁ ବିଧାୟକ ମହାନ୍ତି ନିର୍ଦ୍ଦେଶ ଦେଇଥିଲେ। ଏହି କାର୍ଯ୍ୟ ଅଳ୍ପ ଦିନରେ ସରିବ। ପାଲଲହଡ଼ା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ପାଲଲହଡ଼ା ଉପଖଣ୍ଡ ଓ କଣିହାଁ ବ୍ଲକ ବାସିନ୍ଦା ଉପକୃତ ହେବେ ବୋଲି ବିଧାୟକ ମହାନ୍ତି ସୂଚନା ଦେଇଥିଲେ। ଏହାବାଦ ସମସ୍ତ ନଳକୂପ ମରାମତି ସହିତ ଅନ୍ୟାନ୍ୟ ପାନୀୟ ଜଳ ଯୋଗାଣ ବ୍ୟବସ୍ଥାର ତଦାରଖ କରିବା, ପ୍ରଧାନମନ୍ତ୍ରୀଙ୍କ ଜଳ ଜୀବନ ମିଶନ ଦ୍ୱାରା କାର୍ଯ୍ୟକ୍ରମ କରାଯିବ ବୋଲି ବିଧାୟକ ପ୍ରକାଶ କରିଥିଲେ।

# ଆଳତୁମା ଗ୍ରାମରେ ଚାରାରୋପଣ

କାମାକ୍ଷାନଗର,୧୭।୭(ଅମଜାଦ ଖାନ)

କାମାକ୍ଷାନଗର ସହର ୧୩ ନମ୍ବର ୱାର୍ଡ ଆଳତୁମା ଗ୍ରାମରେ ଗଣପତି ଫ୍ରେଣ୍ଡ୍ସ କ୍ଲବ ଆନୁକୂଲ୍ୟରେ କ୍ଲବ ସଭାପତି ରାଜେଶ ଷେଣ୍ଡଙ୍କ ତତ୍ତ୍ୱାବଧାନରେ ଚାରା ରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମା' ମାଟି ପାଇଁ ଗଛଟିଏ ଆହ୍ୱାନକୁ ଆଧାର କରି ଉକ୍ତ କାର୍ଯ୍ୟକ୍ରମ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ନଗରପାଳ ଧର୍ମାନନ୍ଦ ପରିଡା ଏବଂ ସମ୍ମାନିତ ଅତିଥି ଭାବେ ସ୍ଥାନୀୟ କାଉନସିଲର ସଞ୍ଜୟ ପରିଡା ଯୋଗଦେଇ ଚାରା ରୋପଣ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିବା ସହ ସଂଘର ଯୁବକମାନଙ୍କୁ ଉତ୍ସାହିତ କରିଥିଲେ। ଗ୍ରାମର ପ୍ରମୁଖ




ବୁଦ୍ଧିଜୀବୀ ମଧୁସୂଦନ ଷେଣ୍ଡ, ନରେଶ ଚନ୍ଦ୍ର ମହାରଣା, ପଦିଆ ମହାରଣା, ଦୀପକ ପରିଡ଼ା ଯୋଗଦେଇ ଚାରା ରୋପଣ କରିଥିଲେ। ବୀରେନ ମହାନ୍ତି, ଆଶୁତୋଷ ସାହୁ, ତ୍ରିନାଥ ପ୍ରଧାନ, ଜୟଦେବ ଷେଣ୍ଡ, ତ୍ରିପୁର ପରିଡା, ସୁଧୀର ଜେନା ପ୍ରମୁଖ କାର୍ଯ୍ୟକ୍ରମକୁ ସାଫଲ୍ୟମଣ୍ଡିତ କରିଥିଲେ।

# ଭାବରେ ଭିଜିଲେ ସହସ୍ରାଧିକ ଶ୍ରୋତା




## ଭଜନ ସମାରୋହ କମିଟି ଭଜନ ସନ୍ଧ୍ୟାର ତୃତୀୟ ଦିବସ

ଢେଙ୍କାନାଳ,୧୭।୭(ରତନ ନାୟାର)

ଢେଙ୍କାନାଳ ବାହୁଡ଼ା ଭଜନ ସମାରୋହ କମିଟି ପକ୍ଷରୁ ୩୫ ବର୍ଷ ଧରି ଗଣେଶ ବଜାର ରଥଗଡ଼ା ଠାରେ ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଆସୁଛି। ବୁଧବାର ଠାକୁରଙ୍କ ସୁନା ବେଶକୁ ସହସ୍ରାଧିକ ଶ୍ରଦ୍ଧାଳୁ ଦର୍ଶନ କରିବା ସହ ଭଜନ କାର୍ଯ୍ୟକ୍ରମକୁ ଶ୍ରବଣ କରି ପ୍ରଭୁକୃପା ଲାଭ କରିଥିଲେ। ଏହି ଭଜନ ସନ୍ଧ୍ୟାର ତୃତୀୟ ଦିବସ ତଥା ସୁନାବେଶ ଅବସରରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ସରକାରଙ୍କ ବାଣିଜ୍ୟ ଓ ପରିବହନ ବିଭାଗ ପ୍ରମୁଖ ଶାସନ ସଚିବ ଉଷା ପାଢୀ ଯୋଗଦାନ କରିଥିଲେ। ସେହିପରି ସମ୍ମାନିତ ଅତିଥି ଭାବେ ଦକ୍ଷତା ବିକାଶ ବିଭାଗ ଅତିରିକ୍ତ ସଚିବ ତପନ କୁମାର ଶତପଥୀ, ରୁଙ୍ଗଟା କମ୍ପାନୀ ଜିଏମ୍ ପୁଷ୍ପକ କୁମାର, ଏଜିଏମ ଅଜୟ କୁମାର ଦାସ ଯୋଗଦାନ କରି ଅନୁଷ୍ଠାନର ଏଭଳି କାର୍ଯ୍ୟକ୍ରମକୁ ଉଚ୍ଚ ପ୍ରଶଂସା କରିଥିଲେ। ଅନୁଷ୍ଠାନ ସମ୍ପାଦକ ବିଶ୍ୱନାଥ ବେହେରା ସଭାପତିତ୍ୱ କରିଥିବା ବେଳେ ବରିଷ୍ଠ ସଦସ୍ୟ ସତ୍ୟ ସ୍ୱରୂପ ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବରିଷ୍ଠ କର୍ମକର୍ତ୍ତା ଶରତ କୁମାର ସାହୁ ଧନ୍ୟବାଦ ପ୍ରଦାନ କରିଥିଲେ। ମଞ୍ଚରେ ଜଗନ୍ନାଥ ସଂସ୍କୃତି ଉପରେ ପ୍ରବଚନ ପ୍ରଦାନ କରିଥିବା ଶିଶୁ ପ୍ରବଚକ ଜିଜ୍ଞାସୁ ଏ. ଆର୍. ସାହୁ, ଭଜନ ପ୍ରତିଷ୍ଠାତା ସଭ୍ୟ ମୃଷି ବାରିକ, ସାଗିର ସମ୍ମହଦଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ପରେ ଓଡ଼ିଶାର ଲବ୍ଧ ପ୍ରତିଷ୍ଠିତ କଳାକାର ସୁଧାକର ମିଶ୍ର, ପ୍ରଶାନ୍ତ ପାଢ଼ୀ, ମାନସୀ ପାତ୍ର ଓ ଅନ୍ୟାନ କଣ୍ଠଶିଳ୍ପୀମାନଙ୍କ ଦ୍ୱାରା ଭାବପୂର୍ଣ୍ଣ ଭଜନ ପରିବେଷଣ କରାଯାଇଥିଲା।



ଶିଶୁ ପ୍ରବଚକ ଜିଜ୍ଞାସୁ ଏ. ଆର୍. ସାହୁ।

# ଟାଟା ଷ୍ଟିଲ୍ ମେରାମଣ୍ଡଳୀ ପକ୍ଷରୁ ପୋଖରୀ ପୁନରୁଦ୍ଧାର



ଟାଟା ଷ୍ଟିଲ୍ ମେରାମଣ୍ଡଳୀ ପ୍ଲାଣ୍ଟ ନିକଟସ୍ଥ ନୂଆଗାଁ ଗ୍ରାମ ପୋଖରୀର ପୁନରୁଦ୍ଧାର ସହ ଉଦ୍‌ଘାଟନ କାର୍ଯ୍ୟକ୍ରମ।

ଢେଙ୍କାନାଳ,୧୭।୭(ରତନ ନାୟାର)

ସ୍ଥାନୀୟ ଭିତ୍ତିଭୂମିର ବିକାଶ ଓ ସ୍ଥାୟୀ ଗୋଷ୍ଠୀ ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ ଟାଟା ଷ୍ଟିଲ୍ ମେରାମଣ୍ଡଳୀ(ଟିଏସ୍‌ଏମ୍) ପକ୍ଷରୁ ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ମେରାମଣ୍ଡଳୀ ପ୍ଲାଣ୍ଟ ନିକଟସ୍ଥ ନୂଆଗାଁ ଗ୍ରାମରେ ଏକ ପୋଖରୀର ପୁନରୁଦ୍ଧାର ସହ ଲୋକାର୍ପଣ କରାଯାଇଛି। ଟାଟା ଷ୍ଟିଲ୍ କର୍ପୋରେଟ ସର୍ଭିସେସ୍ ପ୍ରେସିଡେଣ୍ଟ ଚାଣକ୍ୟ ଚୌଧୁରୀ, ଟିଏସ୍‌ଏମ୍ ଭାଇସ ପ୍ରେସିଡେଣ୍ଟ ଅପରେଶନ ଉତ୍ତମ ସିଂହ ଏବଂ ଟାଟା ଷ୍ଟିଲ୍‌ର ମାନବ ସମ୍ବଳ ପ୍ରବନ୍ଧକ ଭାଇସ୍ ପ୍ରେସିଡେଣ୍ଟ

## ଦୀର୍ଘସ୍ଥାୟୀ ବିକାଶ ସହିତ ଉପକୃତ ହେବେ ନୂଆଗାଁବାସୀ

ଆତ୍ରେୟି ସାନ୍ୟାଲ ପ୍ରମୁଖ ଉପସ୍ଥିତ ରହି ପୋଖରୀକୁ ଉଦ୍‌ଘାଟନ କରିଥିବା ବେଳେ ନୂଆଗାଁ ଗ୍ରାମ ସଭାପତି ତରୁଣ ସାହୁ, ଟିଏସ୍‌ଏମ୍ ଅଧିକାରୀ ଓ ସ୍ଥାନୀୟ ବାସିନ୍ଦା ଉପସ୍ଥିତ ଥିଲେ। ପୁନରୁଦ୍ଧାର ହୋଇଥିବା ନୂଆଗାଁ ପୋଖରୀରେ ଏବେ ୫୫ ହଜାର କିଲୋଲିଟର ତଥା ୫୫ ନିୟୁତ ଲିଟର ଜଳ ସଂରକ୍ଷଣ କ୍ଷମତା ରହିଛି। ଏହାଦ୍ୱାରା ସ୍ଥାନୀୟ ଗ୍ରାମବାସୀ ଏହି ଜଳକୁ ବିଭିନ୍ନ ପ୍ରକାର କାର୍ଯ୍ୟରେ ବ୍ୟବହାର କରିପାରିବେ। ୨.୭୪ ଏକର ପରିମିତ ଏହି ପୋଖରୀ ଭୂପୃଷ୍ଠର ଜଳପ୍ରବାହକୁ ସଂଗ୍ରହ କରି ଏକ ଗୁରୁତ୍ୱପୂର୍ଣ୍ଣ ଜଳଉତ୍ସ ଭାବେ କାର୍ଯ୍ୟ କରିବ। ଏହି ପୋଖରୀର ଚାରିପାଖରେ ପେଭର ବ୍ଲକ ବ୍ୟବହାର କରି ୪୦୦ ମିଟର ରାସ୍ତା ନିର୍ମାଣ କରାଯାଇଛି। ଏହା ଗ୍ରାମବାସୀଙ୍କୁ ବୁଲାବୁଲି କରିବା ପାଇଁ ଏକ ମନୋରମ ମାର୍ଗ ପ୍ରଦାନ କରିବ। ପୋଖରୀ କଡ଼ରେ ୧୭ଟି ସୋଲାର ଲାଇଟ୍ ଲଗାଯାଇଛି। ଏହା ବାର୍ଷିକ ୧୫୦୦ ୟୁନିଟ ଶକ୍ତି ସଞ୍ଚୟ କରିବ। ପୋଖରୀ ମଧ୍ୟଭାଗରେ ଭାସମାନ ଫାଉଣ୍ଟେନ୍ ଲଗାଯାଇଛି। ପାଣିରେ ଦ୍ରବିଭୂତ ଅମ୍ଳଜାନ ସ୍ତରକୁ ବଜାୟ ରଖି ଜଳଜୀବକୁ ସାହାଯ୍ୟ କରିବ। ସେହିପରି ପୋଖରୀ ଚାରିପାଖରେ ଲୋକଙ୍କ ବିଶ୍ରାମ ନେବା ପାଇଁ ବେଞ୍ଚ ବ୍ୟବସ୍ଥା କରାଯାଇଛି। ଏହା ବ୍ୟତୀତ ପୋଖରୀ ଭିତରକୁ ସହଜ ଓ ସୁରକ୍ଷିତ ପ୍ରବେଶ ସୁନିଶ୍ଚିତ କରିବା ପାଇଁ ୬ଟି ସ୍ଥାନରେ ଶିଢ଼ି ସହିତ ହ୍ୟାଣ୍ଡେରିଲ୍ ନିର୍ମାଣ ହୋଇଛି। ଏହି ପଦକ୍ଷେପ ଦ୍ୱାରା ଦୀର୍ଘସ୍ଥାୟୀ ପ୍ରାକୃତିକ ସମ୍ପତ୍ତିର ପରିଚାଳନା ସହିତ ସୁନ୍ଦର ପରିବେଶ ସୃଷ୍ଟି ହୋଇପାରିଛି।

